# Akashvani, Sambalpur

## SAMBALPURI NEWS EVENING BULLETIN

**9 May 2024- 7.02 pm- 7.12 pm.**

*******************************************

୧- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନ୍ ନ ସ୍ୱତନ୍ତ୍ର ସମାରୋହଥି ଦେଇଛନ୍ ପଦ୍ମପୁରସ୍କାର୍ ।

୨- ବିଜେପିର୍ ବରିଷ୍ଠ ନେତା ଆର୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ୨ ଦିନିଆ ଗସ୍ତଥି ଆସୁଛନ୍ ଓଡ଼ିଶା ।

୩- ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଗଞ୍ଜାମ୍ ଜିଲ୍ଲା ନ ଦଲୀୟ ପ୍ରାର୍ଥୀଙ୍କର୍ ଲାଗି କଲେ ପ୍ରଚାର୍ ।

ଆଉର୍

୪- ବିଜେପିର୍ ବରିଷ୍ଠ ନେତା ନୀତିନ୍ ଗଡ୍‌କରୀ ଆର୍ ହିମନ୍ତ ବିଶ୍ୱଶର୍ମା ରାଏଜେ ଦଲୀୟ ପ୍ରାର୍ଥୀଙ୍କର୍ ଲାଗି କଲେ ନିର୍ବାଚନ୍ ପ୍ରଚାର୍ ।

ପଦ୍ମ ପୁରସ୍କାର୍-ରାଷ୍ଟ୍ରପତି ଆର୍‌ଏନ୍‌ୟୁ / ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ନୂଆଦିଲ୍ଲୀ ନ ଗୁଟେ ସ୍ୱତନ୍ତ୍ର ସମାରୋହଥି ପଦ୍ମ ପୁରସ୍କାର୍ ଦେଇଛନ୍ । ରାଷ୍ଟ୍ରପତି ଭବନ୍ ନ ହେଇଥିବା ଇ ସମାରୋହଥି ପଦ୍ମବିଭୂଷଣ୍, ପଦ୍ମଭୂଷଣ୍ ଆର୍ ପଦ୍ମଶ୍ରୀ ପୁରସ୍କାର୍ ଦିଆଯାଇଛେ । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କଳା ଲାଗି ଡକ୍ଟର୍ ବୈଜୟନ୍ତୀ ମାଲା ବାଲି, କୋନିଦେଲା ଚିରଞ୍ଜିବ୍‌ଙ୍କୁ ପଦ୍ମ ବିଭୂଷଣ ଦେଇଛନ୍ । ସେନ୍ତା ଜଷ୍ଟିସ୍ ସୁଶ୍ରୀ ଏମ୍. ଫାତିମା ବିବି, ସତ୍ୟବ୍ରତ ମୁଖାର୍ଜୀ , ତୋକ୍‌ଦାନ୍ ରିନ୍‌କୋଚି, ବିଜୟ କାନ୍ତଙ୍କୁ ମରଣୋତର ଭାବେ ପଦ୍ମଭୂଷଣ୍ ଦିଆଯାଇଛେ । ସେନ୍ତା ସାମ୍ବାଦିକତା କ୍ଷେତ୍ର ଲାଗି ହୁରୁମ୍‌ଜୀ ଏମ୍. କାମା , ମେଡ଼ିସିନ୍ ଲାଗି ଡକ୍ଟର୍ ଅଶ୍ୱିନୀ ବାଲାଚନ୍ଦ୍ର ମେହେଟା, ସମାଜ୍‌ସେବା ଲାଗି ଓ. ରାଜ୍‌ଗୋପାଲ୍, ସାହିତ୍ୟ ଆଉ ଶିକ୍ଷା ଲାଗି କ୍ୟାପଟେନ୍ କୁନ୍ଦନ୍ ରମଣ୍‌ଲାଲ୍ ବ୍ୟାସ ଙ୍କୁ ପଦ୍ମଭୂଷଣ ଦିଆଯାଇଛେ । ଇତାର୍‌ଛଡ଼ା କଳା କ୍ଷେତ୍ରଥି ଡକ୍ଟର୍ ବେଲୁ ଆନନ୍ଦାଚାରୀ, ଏମ୍. ବଦ୍ରାପାନ୍, ରାମ୍‌ଲାଲ୍ ବରେଠ, ପ୍ରଫେସର୍ ସୋମ୍‌ଦତ ଗଙ୍ଗୁ, ସମାଜ୍‌ସେବା ଲାଗି ପାର୍ବତୀ ବରୁଆ ଙ୍କୁ ପଦ୍ମଶ୍ରୀ ପୁରସ୍କାର୍ ଦିଆଯାଇଥିଲା । ଇ ସମାରୋହଥି ଉପରାଷ୍ଟ୍ରପତି ଜଗ୍‌ଦୀପ୍ ଧନ୍‌ଖଡ୍, ପ୍ରଧାନ୍‌ମନ୍ତ୍ରୀ

ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ୍ ଶାହା, ବୈଦେଶିକ୍ ମନ୍ତ୍ରୀ ଏସ୍. ଜୟଶଙ୍କର୍ ପ୍ରମୁଖ ଉପସ୍ଥିତ୍ ଥିଲେ ।

ପ୍ରଧାନ୍‌ମନ୍ତ୍ରୀଙ୍କ ଗସ୍ତ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଜେପିର୍ ବରିଷ୍ଠ୍ ନେତା ଆଉ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ୨ ଦିନିଆ ଓଡ଼ିଶା ଗସ୍ତଥି ଆସ୍‌ବେ । ଶ୍ରୀ ମୋଦୀ ଆଏବା କାଏଲ୍ ଭୁବ୍‌ନେଶ୍ୱର୍ ନ ପୁହୁଁଚିକରି ଗୁଟେ ରୋଡ୍ ସୋଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଶ୍ରୀ ମୋଦୀଙ୍କର୍ ରୋଡ୍ ସୋ ମାଷ୍ଟର୍ କେଂଟିନ୍ ଛକ୍‌ନୁ ବାଣୀବିହାର୍‌ତକ୍ ଯିବା । ଇଥିର୍‌ଲାଗି କମିଶନରେଟ୍ ପୁଲିସ୍ ତର୍‌ଫୁ ୫୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ ବ୍ୟବସ୍ଥା କରାଯାଇଛେ । ଇତାର୍‌ସହେତେ ୩ ଶହ ୫୦ ଝନ୍ ପୁଲିସ୍ ଅଧିକାରୀ ମୁତୟନ ହେବେ । ଆଏବା ଶନିବାର୍ ଦିନ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କନ୍ଧମାଲ୍, ବର୍‌ଗଡ୍ ଆଉ ବଲାଙ୍ଗିର୍ ନ ନିର୍ବାଚନୀ ସଭା ମାନ୍‌କେ ଯୋଗ୍ ଦେବେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଗସ୍ତକେ ନଜର୍‌ଥି ରଖିକରି ଇ ସବୁ ଜାଗା ମାନ୍‌କେ ନୋ ଫ୍ଲାଇଙ୍ଗ୍ ଜୋନ୍ ଘୋଷ୍‌ନା କରାଯାଇଛେ ।

ମୁଖ୍ୟମନ୍ତ୍ରୀ- ପ୍ରଚାର୍ ଆର୍‌ଏନ୍‌ୟୁ/ କଟକ୍

ବିଜେଡ଼ି ସଭାପତି ଆଉ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଆଏଜ୍ ୨ ନମ୍ବର୍ ଥର୍ ଲାଗି ଗଞ୍ଜାମ୍ ଜିଲ୍ଲା ଯାଇକରି ଦଲୀୟ ପ୍ରାର୍ଥୀଙ୍କର୍ ଲାଗି ଭୋଟ୍ ପ୍ରଚାର୍ କରିଛନ୍ । ମୁଖ୍ୟମନ୍ତ୍ରୀ ପହେଲା ଗୋପାଲ୍‌ପୁର୍ ନିର୍ବାଚନ୍ ମଣ୍ଡଲୀ ଯିବାର୍ ଉତ୍‌ରୁ ବ୍ରହ୍ମପୁର୍ ଠାନେ ଥିବା କନିସି ଠାନେ ହେଇଥିବା ସଭାଥି ଯୋଗ୍ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ୍ ରାଜ୍ୟ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଜନକଲ୍ୟାଣ୍‌କାରୀ ଯୋଜ୍‌ନା ଉପ୍‌ରେ ଆଲୋଚନା କରିଥିଲେ । ଖାସ୍ କରି ରାଏଜେ ଗଲା ୨୫ ବଛ୍‌ରେ ୫୦ ବଛ୍‌ରର୍ ବିକାଶ୍ ହେଇଛେ ବଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଇତାର୍ ଉତ୍‌ରୁ ଫୁଲ୍‌ବାଣୀ ଗସ୍ତଥି ଯାଇକରି କନ୍ଧମାଲ୍ ଷ୍ଟାଡ଼ିୟମ୍ ନ ହେଇଥିବା ଗୁଟେ ସାଧାରଣ ସଭାଥି ଉଦ୍‌ବୋଧନ୍ ଦେଇଛନ୍ ।

ନୀତିନ୍ ଗଡ଼୍‌କରୀ ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ବିଜେପିର୍ ବରିଷ୍ଠ ନେତା ଆର୍ କେନ୍ଦ୍ରମନ୍ତ୍ରୀ ନୀତିନ୍ ଗଡ଼୍‌କରୀ ଓଡ଼ିଶା ଗସ୍ତ୍‌ଥି ଆସିକରି ପୁରୀ ଜିଲ୍ଲା କୃଷ୍ଣପ୍ରସାଦ୍ ବ୍ଲକ୍ ନ ଗୁଟେ ନିର୍ବାଚନୀ ସଭାଥି ଦଲୀୟ ପ୍ରାର୍ଥୀଙ୍କର୍ ଲାଗି ପ୍ରଚାର୍ କରିଛନ୍ । ଇ ଅବ୍‌ସରେ ସେ କହିଛନ୍ ଯେ, ଦେଶେ ତାଙ୍କର୍

ସର୍କାର୍ ଆସ୍ବାର୍ ଉତ୍ରୁ ୨୫ କୋଟି ଲୁକ୍କୁ ଗରିବୀମୁକ୍ତ କରାଯାଇଛେ । ଇତାର୍ସହେତେ ଶ୍ରୀ ଗଡ୍କରି ଓଡ଼ିଶାର୍ ଲାଗି ଭିନ୍ ଭିନ୍ ଉନ୍ନୟନ୍ମୂଲକ୍ କାମ୍ର ଘୋଷ୍ନା କରିଛନ୍ । ସେ କହିଛନ୍ ଯେ, ସମ୍ବଲ୍ପୁର୍ ନ ୪ ଥାକିଆ ୩୫ କିଲୋମିଟର୍ର ରିଂରୋଡ୍ ଆଉ ଚିଲିକା ନ ୨ ଟା ପୋଲ୍ ତିଆର୍ ହେବା । ଇଥିର୍ଲାଗି ଡିପିଆର୍ ପ୍ରସ୍ତୁତି ସରିଛେ । ନିର୍ବାଚନ୍ ଉତ୍ରୁ କାମ୍ ମୁଲ୍ ହେବା ବଲି ସେ କହିଛନ୍ । ସେ କହିଛନ୍ ଯେ, ପାରାଦ୍ୱୀପ୍ ନ ୨ ଶହ କୋଟି ଟଙ୍କା ଖର୍ଚ୍ଚାଥି ଗୁଟେ ଏୟାର୍ପୋର୍ଟ କରାଯିବା । ସେନ୍ତା ଭୁବ୍ନେଶ୍ୱର୍ ନ ଶହେ ୧୧ କିଲୋମିଟର୍ର ଗୁଟେ ରିଂରୋଡ୍ ହେବା । ଇଥିର୍ଲାଗି ଆଏବା ଅକ୍ଟୋବର୍ ମାସ୍ନୁ କାମ୍ ମୁଲ୍ ହେବା ବଲି ଶ୍ରୀ ଗଡ୍କରୀ କହିଛନ୍ ।

ଇତାର୍ ଆଘୋନୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡ୍କରୀ ପୁରୀ ଯାଇକରି ଶ୍ରୀମନ୍ଦିର୍ ନ ଶ୍ରୀଜୀଉମାନ୍କର୍ ଦର୍ଶନ୍ କରିଥିଲେ ।

ଆସାମ୍ ମୁଖ୍ୟମନ୍ତ୍ରୀ-ନିର୍ବାଚନ୍ ପ୍ରଚାର୍

ଆର୍ଏନ୍ୟୁ/ କଟକ୍

ଆସାମ୍ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଆଏଜ୍ ମାଲ୍କାନ୍ଗିରି ଜିଲ୍ଲାର୍ କାଲିମେଲା ଠାନେ ହେଇଥିବା ବିଜୟ ସଂକଳ୍ପ ସମାବେଶ୍ଥି ଯୋଗ୍ ଦେଇକରି ବିଜେପି ପ୍ରାର୍ଥୀଙ୍କର୍ ଲାଗି ଭୋଟ୍ ପ୍ରଚାର୍ କରିଛନ୍ । ଇ ଅବ୍ସରେ ସେ କେନ୍ଦ୍ର

ସର୍କାର୍ଙ୍କର୍ ଭିନ୍ ଭିନ୍ ଜନକଲ୍ୟାଣ୍କାରୀ ଯୋଜ୍ନା ବାବ୍ଦେ ସୂଚ୍ନା ଦେଇଥିଲେ । ଖାସ୍ କରି ବଙ୍ଗୀୟ ଶିକ୍ଷକ୍ ଅଭାବ୍ ପୂରଣ୍ ସହେତେ ଲୁକ୍କର୍ ସବୁ ଅଭାବ୍ ଅସୁବିଧା ପୂରଣ୍ କର୍ବାର୍ ଲାଗି ବିଜେପିକେ ଭୋଟ୍ ଦେବାର୍କେ ସେ ନିବେଦନ୍ କରିଥିଲେ । ଇତାର୍ ଉତ୍ରୁ ଶ୍ରୀ ବିଶ୍ୱଶର୍ମା ଚିତ୍ରକୋଣ୍ଡା ନିର୍ବାଚନ୍ ମଣ୍ଡଲୀର୍ ମାଥିଲି ଗାଁ ନ ହେଇଥିବା ସଂକଳ୍ପ ସମାବେଶ୍ଥି ଉଦ୍ବୋଧନ୍ ଦେଇଥିଲେ । ଇଥି ନବରଙ୍ଗ୍ପୁର୍ ସାଂସଦ୍ ପ୍ରାର୍ଥୀ ବଳଭଦ୍ର ମାଝୀ, ମାଲ୍କାନ୍ଗିରି ବିଧାୟକ୍ ପ୍ରାର୍ଥୀ ନରସିଂହ ମାଡ଼କାମୀ, ଚିତ୍ରକୋଣ୍ଡା ବିଧାୟକ୍ ଡମ୍ବରୁ ଶିଶାଙ୍କ ଙ୍କର୍ ସହେତେ ବହୁତ୍ଟେ ବିଜେପି କର୍ମକର୍ତା ଯୋଗ୍ ଦେଇଥିଲେ ।

ମଲ୍ଲିକାର୍ଜୁନ ଖଡ଼୍ଗେ ଆର୍ଏନ୍ୟୁ/ କଟକ୍

ରାଏଜେ ଲୋକ୍ସଭା ଆଉ ବିଧାନ୍ସଭା ନିର୍ବାଚନ୍ ଲାଗି ଆଉ କମ୍ ଦିନ୍ ବାକିଥିବାର୍ ବେଲେ କେନ୍ଦ୍ରୀୟ ନେତାମାନେ ନିର୍ବାଚନ୍ ପ୍ରଚାର୍ ଲାଗି ଓଡ଼ିଶା ଗସ୍ତଥି ଆସୁଛନ୍ । ଇ ଅନ୍ସାରେ ଆଏବା ୧୪ ତାରିଖ୍ ଦିନ କଂଗ୍ରେସ୍ ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ଼୍ଗେ ଫୁଲ୍ବାଣୀ ଯିବାର୍ କାର୍ଯ୍ୟକ୍ରମ୍ ରହିଛେ । ରାଜ୍ୟ କଂଗ୍ରେସ୍ ତର୍ଫୁ ମିଲିଥିବା ସୂଚ୍ନା ଅନ୍ସାରେ ଶ୍ରୀ ଖଡ଼୍ଗେ ଫୁଲ୍ବାଣୀ ନ ନିର୍ବାଚନ୍ ସଭାଥି ଯୋଗ୍ ଦେଇକରି ଉଦ୍ବୋଧନ୍ ଦେବେ । ଇନ ଜନେଇ

ଦିଆଯାଇପାରେ ଯେ, କନ୍ଧମାଲ୍ ଜିଲ୍ଲା ନ ଆଏବା ୨୦ ତାରିଖ୍ ଦିନ ଭୋଟ୍ ହେବା ।

ଅକ୍ଷୟ- ତୃତୀୟା-୧ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏବାକାଏଲ୍ ବୈଶାଖ ମାସର୍ ଉଜଲ୍ ପଖର୍ ଅଖି ତୃତୀୟା । ଚାଷୀମାନେ ଖରିଫ୍ ଚାଷ୍ ଲାଗି ନିଜର୍ ନିଜର୍ ଜମିନ୍‌ଥି ଅଖିମୁଠି ଛୁଇଁବେ । ଇ ଅବ୍‌ସରେ ଶ୍ରୀକ୍ଷେତ୍ର ପୁରୀ ନ ଶ୍ରୀ ଜଗନ୍ନାଥ ମାହାପୁରୁଙ୍କର୍ ରଥଯାତ୍ରାର୍ ଲାଗି ରଥ ତିଆରି କାମ୍ ଭିଲ୍ ମୁଲ୍ ହେବା । ସେନ୍ତା ପୁରୀ ନ ୨୧ ଦିନିଆ ଚନ୍ଦନଯାତ୍ରା ଭିଲ୍ ମୁଲ୍ ହେବା । ଅକ୍ଷୟତୃତୀୟା ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସବୁ ପ୍ରକାର୍ ପ୍ରସ୍ତୁତି ଶେଷ୍ ଖେପେ ପୁହୁଁଚିଛେ । ଚନ୍ଦନ୍ ଯାତ୍ରା ଲାଗି ମହାପ୍ରଭୁଙ୍କର୍ ଚଲନ୍ତି ପ୍ରତିମା ମଦନ୍ ମୋହନ, ଭୂଦେବୀ, ଶ୍ରୀଦେବୀ ଆର୍ ଶ୍ରୀକ୍ଷେତ୍ରର ପଂଚ ମହାଦେବ ନରେନ୍ଦ୍ର ପୁଷ୍କରିଣୀ ନ ଚାପ ଖେଲ୍‌ବେ ।

ସେନ୍ତା ଆଏବା କାଏଲ୍ ସମ୍ବଲ୍‌ପୁର୍ ସହରେ ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରା ଲାଗି ଥାଲ୍‌ଉଠା ହେବାର୍ ସାଙ୍ଗେ ଶୀତଲ୍‌ଷଷ୍ଠୀ ଯାତ୍ରାର୍ ପ୍ରସ୍ତୁତି ମୁଲ୍ ହେବା ।

ଶେଷ ପର୍ଯ୍ୟାୟ ବିଜ୍ଞପ୍ତି    ଆର୍‌ଏନ୍‌ୟୁକଟକ୍/ ସମ୍ବଲପୁର୍

ସମ୍ବାଦଦାତା

ଦେଶର୍ ୭ ନମ୍ବର୍ ଆର୍ ରାଏଜେ ୪ ନମ୍ବର୍ ଖେପ୍ ନିର୍ବାଚନ୍ ଲାଗି ପ୍ରାର୍ଥୀପତ୍ର ଦାଖଲ୍ ପ୍ରକ୍ରିୟା ଚାଲିଛେ । ଇ ଖେପେ ମୟୁର୍‌ଭଞ୍ଜ୍, ବାଲେଶ୍ୱର୍, ଭଦ୍ରକ୍, ଯାଜ୍‌ପୁର୍, କେନ୍ଦ୍ରାପଡ଼ା ଆର୍ ଜଗତ୍‌ସିଂହପୁର୍ ଲୋକ୍‌ସଭା ନିର୍ବାଚନ୍ ମଣ୍ଡଳୀ ଆର୍ ଇତାର୍ ଅଧୀନ୍‌ଥି ଥିବା ୪୨ ଟା ବିଧାନ୍‌ସଭା ଆସନ୍ ଲାଗି ଭୋଟ୍ ହେବା । ଆଏବା ୧୪ ତାରିଖ୍ ଦିନ ନାମାଙ୍କନ୍ ପତ୍ର ଦାଖଲ୍‌ର ଶେଷ୍ ତାରିଖ୍ ରହିଥିବାର୍ ବେଲେ ୧୫ ତାରିଖ୍ ଦିନ ନାମାଙ୍କନ୍ ପତ୍ର ଯାଂଚ୍ ଆର୍ ୧୭ ତାରିଖ୍ ଦିନ ପ୍ରାର୍ଥୀପତ୍ର ପ୍ରତ୍ୟାହାର୍‌ର ଶେଷ୍ ତାରିଖ୍ ରହିଛେ । ଇ ଖେପର୍ ନିର୍ବାଚନ୍ ଲାଗି ଆଏବା ଜୁନ୍ ୧ ତାରିଖ୍ ଦିନ ଭୋଟ୍ ହେବା ।

ସେଆଡ଼େ *୬* ନମ୍ବର୍ ଖେପ୍ ନିର୍ବାଚନ୍ ଲାଗି ଆଏଜ୍ ପ୍ରାର୍ଥୀପତ୍ର ପ୍ରତ୍ୟାହାର୍‌ର ଶେଷ୍ ଦିନ୍ ଥିଲା । ଇ ଖେପେ ସମ୍ବଲ୍‌ପୁର୍, କେନ୍ଦୁଝର୍, ଢେଙ୍କାନାଲ୍, କଟକ୍, ପୁରୀ ଆର୍ ଲୋକ୍‌ସଭା ଆସନ୍ ଆର୍ ଇତାର୍ ଅଧୀନ୍‌ଥି ଥିବା ୪୨ ଟା ବିଧାନ୍‌ସଭା ଆସନ୍ ଲାଗି ଇ ମାସର୍ ୨୫ ତାରିଖ୍ ଦିନ ଭୋଟ୍ ହେବା । ଇ ଖେପେ ପ୍ରାର୍ଥୀପତ୍ର ଯାଂଚ୍ ଉତ୍‌ରୁ ସମ୍ବଲ୍‌ପୁର୍ ଲୋକ୍‌ସଭା ଆସନ୍ ଲାଗି ୧୪ ଝନ୍‌କର୍ ନାମାଙ୍କନ୍ ପତ୍ର କାଏମ୍ ରହିଥିବାର୍ ବେଲେ କେନ୍ଦୁଝର୍ ଆର୍ ଭୁବ୍‌ନେଶ୍ୱର୍ ନ ୧୨ ଝନ୍ ଲେଖା, ଢେଙ୍କାନାଲ୍ ଆର୍ କଟକ୍ ନ ୧୦ ଝନ୍ ଲେଖା ଆର୍ ପୁରୀ ନ ୭ ଝନ୍‌କର୍ ପ୍ରାର୍ଥୀପତ୍ର କାଏମ୍ ରହିଛେ ।

ବିଦ୍ୟୁତ୍ ବିଲ୍ ସଂଶୋଧନ     ଆର୍ଏନ୍ୟୁ/ କଟକ୍

ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟି.ପି.ଡବ୍ଲୁ.ଓ.ଡି.ଏଲ୍. ଉପଭୋକ୍ତାଙ୍କର୍ ବିଜ୍ଲି ବିଲ୍ର ସଂଶୋଧନ୍ ଲାଗି ସମ୍ବଲ୍ପୁର୍ , ଝାର୍ସୁଗୁଡ଼ା ଆର୍ ଦେବ୍ଗଡ୍ ଜିଲ୍ଲାର୍ ଭିନ୍ ଭିନ୍ ଇଲାକାନୁ ଇ ମାସେ ସ୍ୱତନ୍ତ୍ର ଅଭିଯୋଗ୍ ପ୍ରତିବିଧାନ ପୀଠ ଆୟୋଜନ୍ କରୁଛେ । ସୂଚ୍ନା ଅନ୍ସାରେ ସମ୍ବଲ୍ପୁର୍ ନ ଆଏବା କାଏଲ୍ ଆର୍ ୧୩ ତାରିଖ୍, ଝାର୍ସୁଗୁଡ଼ା ଜିଲ୍ଲା ନ ୧୭ , ୧୮, ୨୦ ଆର୍ ୨୨ ଆଉ ଦେବ୍ଗଡ୍ ଜିଲ୍ଲା ନ ୨୭ ଆର୍ ୨୮ ତାରିଖ୍ ଦିନ ଉପଭୋକ୍ତାମାନେ ସେମାନ୍କର୍ ବିବାଦୀୟ ବିଜ୍ଲି ବିଲ୍ର ସଂଶୋଧନ୍ କରିପାର୍ବେ ।

ଫ୍ଲାଗ୍ମାର୍ଚ୍ଚ     ନୂଆପଡ଼ା ସମ୍ବାଦଦାତା

ନିର୍ବାଚନ୍କେ ଶାନ୍ତି ଶୃଙ୍ଖଳା ସହେତେ କର୍ବାର୍ ଲାଗି ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଠାନେ ପୁଲିସ୍ ତର୍ଫୁ ଫ୍ଲାଗ୍ମାର୍ଚ୍ଚ କରାଯାଇଛେ । ସଶସ୍ତ୍ର ପୁଲିସ୍ ସୁରକ୍ଷା ବାହିନୀ ତର୍ଫୁ ଖଡ଼ିଆଲ୍ ଥାନା ଛକ୍ ନୁ ମୁଲ୍ ହେଇକରି ଆଜାଦ୍ ଚୌକ୍, ବୈଦେହୀ ଛକ୍, ଧୁବାପଡ଼ା ଆର୍ ଗୁରୁନାନକ୍ ଛକ୍ ଦେଇକରି ଫ୍ଲାଗ୍ମାର୍ଚ୍ଚ ଥାନା ଛକେ ଶେଷ୍ ହେଇଥିଲା ।

ଖଡ଼ିଆଲ୍ ଏସ୍‌ଡିପିଓ ଅଭିଷେକ୍ ଅରୁପ୍ ବେହେରା ଫ୍ଲାଗ୍‌ମାର୍ଚ୍ଚର ନେତୃତ୍ୱ ନେଇଥିଲେ ।

ସାଧାରଣ ପର୍ଯ୍ୟବେକ୍ଷକ୍-ବୌଦ୍ଧ           ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଆର୍ କଂଟାମାଲ୍ ନିର୍ବାଚନ୍ ମଣ୍ଡଲୀ ଲାଗି ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ୍ ରବୀନ୍ଦ୍ର ଲକ୍ଷ୍ମଣ୍ ବିନ୍‌ୱାଡ଼େ ଆଏଜ୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ଯାଇକରି ନିର୍ବାଚନ୍ କଂଟ୍ରୋଲ୍ ରୁମ୍ ପରିଦର୍ଶନ୍ କର୍‌ବାର୍ ସହେତେ ନିର୍ବାଚନ୍ ପରିଚାଲନା ବାବଦ୍ ସବୁ କାମ୍ ତଦାରଖ୍ କରିଥିଲେ । ଶ୍ରୀ ବିନ୍‌ୱାଡ଼େ ଜିଲ୍ଲା କଂଟ୍ରୋଲ୍ ରୁମ୍, ୱେବ୍‌କାଷ୍ଟିଂ, ମିଡ଼ିଆ ସାର୍ଟିଫିକେସନ୍ ମନିଟରିଂ, ମିଡ଼ିଆ କଂଟ୍ରୋଲ୍ ରୁମ୍, ସି-ଭିଜିଲ୍ କାମ୍ ଅନୁଧ୍ୟାନ୍ କରିଥିଲେ ।

ସମ୍ବଲ୍‌ପୁର୍ ବିଧାନ୍‌ସଭା ପ୍ରାର୍ଥୀ       ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲାର୍ ୪ ଟା ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ଲାଗି ଆଏବା ୨୫ ତାରିଖ୍ ଦିନ ହେବାର୍‌କେ ଥିବା ଭୋଟ୍ ଲାଗି ଆଏଜ୍ ପ୍ରାର୍ଥୀପତ୍ର ପ୍ରତ୍ୟାହାର୍‌ର ଶେଷ୍ ଦିନ୍ ଥିଲା । ପ୍ରାର୍ଥୀପତ୍ର ପ୍ରତ୍ୟାହାର୍ ଶେଷ୍ ହେଲା ଉତ୍‌ରୁ ସମ୍ବଲ୍‌ପୁର୍ ଆର୍ ରେଢ଼ାଖୋଲ୍ ବିଧାନ୍‌ସଭା ମଣ୍ଡଲୀ ଲାଗି ୭ ଝନ୍

ଲେଖା ପ୍ରାର୍ଥୀ, କୁଚିଣ୍ଡା ନ ୪ ଆର୍ ରେଙ୍ଗାଲି ନ ୧୦ ଝନ୍ ପ୍ରାର୍ଥୀ ଚୂଡ଼ାନ୍ତ ପ୍ରତିଦ୍ୱନ୍ଦିତାଥି ରହିଛନ୍ ।

ପଂଚମ ପର୍ଯ୍ୟାୟ ଭୋଟ୍        ଆର୍ଏନ୍ୟୁ/ କଟକ୍

ଦେଶେ ଲୋକ୍ସଭା ନିର୍ବାଚନ୍ର ୫ ନମ୍ବର୍ ଖେପ୍ଥି ୮ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଇଲାକାର୍ ୪୯ ଟା ଲୋକ୍ସଭା ଆସନ୍ ଲାଗି ମେ ୨୦ ତାରିକ୍ ଦିନ ଭୋଟ୍ ହେବା । ଇଥିର୍ଲାଗି ମୋଟ୍ ୬ ଶହ ୯୫ ଝନ୍ ପ୍ରାର୍ଥୀ ଭୋଟ୍ ଲଢୁଛନ୍ । ଇ ଖେପେ ମୋଟ୍ ୧ ହଜାର୍ ୫ ଶହ ୮୬ ଟା ପ୍ରାର୍ଥୀପତ୍ର ଭିତ୍ରୁ ୮ ଶହ ୩୭ ଟା ନାକଚ୍ ହେଇଯାଇଥିଲା । ୭ ଶହ ୪୯ ଟା କାଏମ୍ ଥିବା ପ୍ରାର୍ଥୀପତ୍ର ଭିତ୍ରୁ ୫୪ ଝନ୍ ସେମାନ୍କର୍ ନାମାଙ୍କନ୍ ପ୍ରତ୍ୟାହାର୍ କର୍ବାର୍ ଉତ୍ରୁ ନିର୍ବାଚନ୍ ରଣାଙ୍ଗନଥି ୬ ଶହ ୯୫ ଝନ୍ ପ୍ରାର୍ଥୀ ରହିଛନ୍ ।

ପାଣିପାଗ       ଆର୍ଏନ୍ୟୁ/ କଟକ୍

କାଲ୍ବୈଶାଖୀ ଲାଗି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ତାତି ଟିକେ କମିଛେ । ଉପକୂଲ ଓଡ଼ିଶା ସହେତେ ପଶ୍ଚିମ ଆଉ ମଧମ୍ ଭାଗ୍ଥି ଝଡ଼ବର୍ଷା ହେଇଥିବାର୍ ଖବର୍ ମିଳିଛେ । ଆଏବା ୪ ଦିନ୍ତକ୍ କାଲ୍ବୈଶାଖୀର୍ ପ୍ରଭାବ୍ ରହେବା ଆର୍ ଦିନର୍

ତାତି ନାଇଁ ବଢ଼େ ବଲି ଭୁବ୍‌ନେଶ୍ୱର୍ ପାଣିପାଗ୍ ବିଞ୍ଜାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ୧୯୦୧ ମସିହା ଉତ୍‌ରୁ ଗଲା ଏପ୍ରିଲ୍ ମାସ ସବୁଠାନୁ ଗରମ୍ ଥିଲା । ଦକ୍ଷିଣ ଭାରତ୍ ଆଉ ଦକ୍ଷିଣ ପୂର୍ବ ଭାରତ୍ ନ ଗରମ୍ ଲାଗି ସାଧାରଣ୍ ଜୀବନ୍‌ଯାତ୍ରା ବ୍ୟାହତ ହେଇଥିଲା ।